# ଶ୍ରୀମତୀ ରେଖା ଦାସ

ଅଧ୍ୟାପନା ଓ ଲେଖନୀଚାଳନା - ଉଭୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଆ ମହିଳାମାନଙ୍କ ମଧ୍ୟରେ ଶ୍ରୀମତୀ ରେଖା ଦାସ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ । ପ୍ରାଣୀବିଜ୍ଞାନରେ ଏମ୍.ଏସ୍‌ସି.



ଡିଗ୍ରୀ ହାସଲ କରି ଶ୍ରୀମତୀ ଦାସ ଓଡ଼ିଶାର ବିଭିନ୍ନ ଅଗ୍ରଣୀ କଲେଜରେ ୩୭ ବର୍ଷଧରି ଅଧ୍ୟାପନା କରିଛନ୍ତି । ଅଧ୍ୟାପକ ଓ ପ୍ରାଧ୍ୟାପକ ଭାବେ ବିଜେବି କଲେଜ, ରେଭେନ୍‌ସା କଲେଜ, ଖଲ୍ଲିକୋଟ କଲେଜ ଓ ଗଙ୍ଗାଧର ମେହେର କଲେଜରେ କାର୍ଯ୍ୟ କଲାପରେ ଢେଙ୍କାନାଳ କଲେଜର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇ ଶେଷରେ ରମାଦେବୀ ମହିଳା କଲେଜରୁ ପ୍ରଫେସର ଗ୍ରେଡ୍ ଅଧ୍ୟକ୍ଷ ଭାବେ ଜୁଲାଇ ୨୦୦୨ରେ ଅବସର ଗ୍ରହଣ କରିଛନ୍ତି ।

ବିଜ୍ଞାନର ବିଭିନ୍ନ ବିଷୟବସ୍ତୁ ଉପରେ ଶ୍ରୀମତୀ ଦାସ ପତ୍ରପତ୍ରିକା ଓ ସମ୍ବାଦପତ୍ରମାନଙ୍କରେ ଲେଖିବା ସାଙ୍ଗକୁ ୭ଟି ପୁସ୍ତକ ପ୍ରଣୟନ କରିଛନ୍ତି । ଏଥିପାଇଁ ସେ ୧୯୭୨ରେ ପ୍ରଜାତନ୍ତ୍ର ପ୍ରଚାର ସମିତି ପ୍ରଦତ୍ତ ମୀନାବଜାର ପୁରସ୍କାର ଏବଂ ୧୯୮୫ରେ କେନ୍ଦ୍ର ସରକାରଙ୍କ ପ୍ରୌଢ଼ ଶିକ୍ଷା ବିଭାଗ ପ୍ରଦତ୍ତ ପୁରସ୍କାର ଲାଭ କରିଛନ୍ତି ।

ଶ୍ରୀମତୀ ଦାସଙ୍କ କୃତି ଓ କୃତିତ୍ୱକୁ ସମ୍ମାନ ଜଣାଇ 'ପାହୁଣ୍ଡେ ପକା' ଶୀର୍ଷକ ତାଙ୍କ ପୁସ୍ତକ ପାଇଁ ୨୦୧୦ ମସିହାର ଉଦ୍ଦିଷ୍ଟ ନବସାକ୍ଷର ବିଭାଗରେ **"ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁରସ୍କାର"** ଓଡ଼ିଶା ବିଜ୍ଞାନ ଏକାଡ଼େମୀ ତାଙ୍କୁ ପ୍ରଦାନ କରୁଛି ଏବଂ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି ।

***